ଭାରତ ସଂଘ

ବନାମ

ନ୍ୟାୟମୂର୍ତ୍ତି, ଏସ୍.ଏନ୍. ସକ୍ସେନା (ଅବସରପ୍ରାପ୍ତ) ଏବଂ ଅନ୍ୟମାନେ

ଫେବୃଆରୀ 20, 2003

[ମୁଖ୍ୟ ନ୍ୟାୟଧୀଶ, ଭି.ଏନ୍. ଖାରେ, ଏସ୍. ବି. ସିହ୍ନା ଏବଂ ଡ. ଏ.ଆର୍. ଲକ୍ଷ୍ମଣନ୍ ନ୍ୟାୟମୂର୍ତ୍ତିବୃନ୍ଦ]

*ଉଚ୍ଚ ନ୍ୟାୟାଳୟ ବିଚାରପତି (ସେବା ସର୍ତ୍ତାବଳୀ) ନିୟମାବଳୀ, 1956/ଅଖିଳ ଭାରତୀୟ ସେବା (ଛୁଟି) ନିୟମାବଳୀ, 1955 :*

*ନିୟମାବଳୀ 2/ନିୟମାବଳୀ 20B - ଉଚ୍ଚ ନ୍ୟାୟାଳୟ ବିଚାରପତି - ଛୁଟି ବଦଳରେ ଅର୍ଥ ପାଇବାର ଅଧିକାର - ଉଚ୍ଚ ନ୍ୟାୟିକ ସେବାର ସଦସ୍ୟ - ଅବସର ନେବା ସମୟରେ - ଉଚ୍ଚ ନ୍ୟାୟାଳୟକୁ ଉନ୍ନୀତ - ଏହି ମଧ୍ୟରେ ଛୁଟି ନଗଦୀକରଣ ସମେତ ତାଙ୍କର ଅବସରକାଳୀନ ପ୍ରାପ୍ୟ ସୁବିଧାଗୁଡ଼ିକ ତାଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି - ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବରେ ଅବସର ଗ୍ରହଣ ଉପରେ, ଛୁଟି ନଗଦୀକରଣ ବାବଦ ପାର୍ଥକ୍ୟ ରାଶି ପାଇଁ ଦାବି - ନିର୍ଣ୍ଣୟ ହେଲା ଯେ, ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତିଙ୍କ ଦ୍ୱାରା ଅବ୍ୟବହୃତ ଛୁଟି ବଦଳରେ ଦେୟ ନଗଦ ସମମୂଲ୍ୟ କେବଳ ତାଙ୍କର ଅବସର ଗ୍ରହଣ ସମୟରେ ପ୍ରଦାନଯୋଗ୍ୟ ହେବ, ତାହା ପୂର୍ବରୁ ନୁହେଁ - ଛୁଟି ନଗଦୀକରଣର ଦେୟ ପ୍ରାପ୍ତି ପାଇଁ ଅବସର ଗ୍ରହଣ ଏକ ଅପରିହାର୍ଯ୍ୟ ସର୍ତ୍ତ ଅଟେ । ଉଚ୍ଚ ନ୍ୟାୟିକ ସେବାର କୌଣସି ସଦସ୍ୟଙ୍କୁ ଉଚ୍ଚ ନ୍ୟାୟାଳୟର ବିଚାରପତି ପଦବୀକୁ ଉନ୍ନୀତ କରିବା ଅର୍ଥ ତାଙ୍କର ଅବସର ଗ୍ରହଣ କିମ୍ବା ସେବା ସମାପ୍ତି ନୁହେଁ - ତାଙ୍କର ପଦୋନ୍ନତି ପରେ, ଜଣେ ନ୍ୟାୟିକ ଅଧିକାରୀ ତାଙ୍କର ପୂର୍ବ ସେବାକାଳରେ ତାଙ୍କୁ ମିଳିଥିବା ସମସ୍ତ ସୁବିଧା ତାଙ୍କ ସହିତ ବହନ କରନ୍ତି - ଜଣେ ବ୍ୟକ୍ତିଙ୍କ ଦ୍ୱାରା ନ୍ୟାୟିକ ଅଧିକାରୀ ତଥା ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ପ୍ରଦତ୍ତ ସେବାକୁ ଏକ ନିରନ୍ତର ଓ ଅବିଚ୍ଛିନ୍ନ ସେବା ଭାବେ ବିବେଚିତ ହେବ - ତେଣୁ, ଜଣେ ଉଚ୍ଚ ନ୍ୟାୟାଳୟର ବିଚାରପତି ବୟସଜନିତ ଅବସର ବୟସ ପ୍ରାପ୍ତ କରିବା ପରେ ଉଚ୍ଚ ନ୍ୟାୟାଳୟର ବିଚାରପତି (ସେବା ସର୍ତ୍ତାବଳୀ) ଅଧିନିୟମ ଏବଂ ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମ ଅନୁଯାୟୀ ସମସ୍ତ ସୁବିଧା ପାଇବାକୁ ହକଦାର ହେବେ - ଉଚ୍ଚ ନ୍ୟାୟାଳୟ ବିଚାରପତି (ସେବା ସର୍ତ୍ତାବଳୀ) ଅଧିନିୟମ, 1954 - ଧାରା 4 - ଭାରତୀୟ ସମ୍ବିଧାନ - ଅନୁଚ୍ଛେଦ 221 (2) ।*

*ଭାରତ ସଂଘ ବନାମ ଗୁରନାମ ସିଂହ,* **[1982] 3 SCR 700;** *ଶିବ ଦୟାଲ ଶ୍ରୀବାସ୍ତବ ବନାମ ଭାରତ ସଂଘ,* **(1984) 1 SCC 724 ଏବଂ** *ସତୀଶ ଚନ୍ଦ୍ର ବନାମ ଭାରତ ସଂଘ ଓ ଅନ୍ୟମାନେ,* **1987 (Supp) SCC 592 ଉପରେ ନିର୍ଭରଶୀଳ ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 2664/1999 ।

ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ସି.ଏମ୍. ଡବ୍ଲ୍ୟୁ.ପି. ସଂଖ୍ୟା 6158/1997 ରେ 20.1.98 ତାରିଖର ରାୟ ଓ ଆଦେଶରୁ ।

# ୟୁ.ଓ.ଆଇ. ବନାମ ନ୍ୟାୟମୂର୍ତ୍ତି, ଏସ୍.ଏନ୍. ସକ୍ସେନା (ଅବସରପ୍ରାପ୍ତ)

ସହିତ

ଡବ୍ଲ୍ୟୁ.ପି. (C) 480/2000, ସି.ଏ. ସଂଖ୍ୟା 6583-6584/99, 7133/2001, 2002 ର 1924 ଏବଂ 8322 ।

ଟି.ଏଲ.ଭି. ଆୟାର, ଏସ୍.ବି. ସାନ୍ୟାଲ, ସୁଶ୍ରୀ ଶୋଭା ଦୀକ୍ଷିତ, ମନୋଜ ସ୍ୱରୂପ, ସୁଶ୍ରୀ ନିଧି ଅଗ୍ରୱାଲ, ବି.କେ. ପ୍ରସାଦ, ଏସ୍.ଏନ୍. ତେରଡୋଲ, ପ୍ରଦ୍ୟୋତ କୁମାର ଚକ୍ରବର୍ତ୍ତୀ, ଶ୍ରୀଶ କୁମାର ମିଶ୍ର, ଅନୀଶ କୁମାର ଗୁପ୍ତା, ତାରା ଚନ୍ଦ୍ର ଶର୍ମା, ଭି.ବି. ଯୋଶୀ (ଏନ୍.ପି.), ସୁଶୀଲ କୁମାର ଜୈନ (ଏନ୍.ପି.), ଜି.ଏସ୍. ଚାଟାର୍ଜୀ (ଏନ୍.ପି.), ଗୁଡୱିଲ୍ ଇଣ୍ଡିଭର (ଏନ୍.ପି.) ଏବଂ ଅଶୋକ କେ. ଶ୍ରୀବାସ୍ତବ ଉପସ୍ଥିତ ପକ୍ଷମାନଙ୍କ ପାଇଁ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଦେୱାନୀ ଅପିଲ ଏବଂ ଆଜ୍ଞାଦେଶ ଆବେଦନରେ, ଉଚ୍ଚ ନ୍ୟାୟାଳୟ ବିଚାରପତି (ସେବାର ସର୍ତ୍ତାବଳୀ) ନିୟମାବଳୀ 1956 ର ନିୟମ 2 ସହିତ ପଠିତ ଅଖିଳ ଭାରତୀୟ ସେବା (ଛୁଟି) ନିୟମାବଳୀ 1955 ର ନିୟମ 20B ର ବ୍ୟାଖ୍ୟା ସମ୍ବନ୍ଧୀୟ ଏକ ସଂକ୍ଷିପ୍ତ ପ୍ରଶ୍ନ ଉଠିଛି ।

ଏଠାରେ ଉତ୍ତରଦାତାମାନେ, ଯେଉଁମାନେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆଜ୍ଞାଦେଶ ଆବେଦନର ଆବେଦନକାରୀ ଥିଲେ ଏବଂ ଆମ ସମ୍ମୁଖରେ ମଧ୍ୟ ଆଜ୍ଞାଦେଶ ଆବେଦନର ଆବେଦନକାରୀ ଥିଲେ, ସେମାନେ ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ । ସେବେଠାରୁ ସେମାନେ ଅବସର ନେଇସାରିଛନ୍ତି । ନ୍ୟାୟିକ ସେବା କୋଟାରୁ ସେମାନଙ୍କୁ ଉଚ୍ଚ ନ୍ୟାୟାଳୟକୁ ଉନ୍ନୀତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚ ନ୍ୟାୟାଳୟକୁ ପଦୋନ୍ନତି ପାଇବାର କିଛି ଦିନ କିମ୍ବା କିଛି ମାସ ପୂର୍ବରୁ ସମ୍ପୃକ୍ତ ରାଜ୍ୟର ଉଚ୍ଚ ନ୍ୟାୟିକ ସେବାରେ ଅବସର ପ୍ରାପ୍ତ ବୟସରେ ପହଞ୍ଚିବାର ଥିଲା । ଏହା ବିବାଦରେ ନାହିଁ ଯେ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସେବା ସର୍ତ୍ତାବଳୀ ପରିଚାଳନା କରୁଥିବା ନିୟମ ଅନୁଯାୟୀ; ଅବସରକାଳୀନ ସୁବିଧା ଏବଂ ଛୁଟି ନଗଦୀକରଣ ସୁବିଧା ସେମାନଙ୍କ ଖାତାରେ ଜମା କରାଯାଇଛି । ସମସ୍ତ ଆଜ୍ଞାଦେଶ ଆବେଦନକାରୀଙ୍କ କ୍ଷେତ୍ରରେ ଏପରି କରାଯାଇଥିଲା । ପଦୋନ୍ନତି ପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଉକ୍ତ ରାଶିକୁ କୋଷାଗାରରେ ଜମା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । କୌତୁହଳର ବିଷୟ ହେଉଛି, କେତେକ ବିଚାରପତିଙ୍କ ମାମଲାରେ ଏପରି ଅନୁରୋଧକୁ ସ୍ୱୀକାର କରାଯାଇଥିଲା, କିନ୍ତୁ ଆଜ୍ଞାଦେଶ ଆବେଦନକାରୀଙ୍କ କ୍ଷେତ୍ରରେ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଛୁଟି ନଗଦୀକରଣର ଅବଶିଷ୍ଟ ରାଶିର ପାର୍ଥକ୍ୟ ଦେୟ ପ୍ରଦାନ ପାଇଁ ଦାବି କରିବା ସତ୍ତ୍ୱେ ସେମାନଙ୍କୁ ତାହା ପ୍ରଦାନ କରାଯାଇନଥିବାରୁ, ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଉକ୍ତ ଆଜ୍ଞାଦେଶ ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି । ଏଥିରେ କ୍ଷୁବ୍ଧ ହୋଇ, ଭାରତ ସଂଘ ଆମ ସମ୍ମୁଖରେ ଅପିଲ କରିଛି ।

ଏଠାରେ ଆବେଦନକାରୀମାନେ, ଯେଉଁମାନେ କଲିକତା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି, ସେମାନଙ୍କ ଦ୍ୱାରା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ଆବେଦନ ଦାଖଲ କରାଯାଇଛି, କାରଣ, ସେମାନଙ୍କ ଦ୍ୱାରା ଆବଶ୍ୟକ କରାଯାଇଥିବା ଅବଶିଷ୍ଟ ରାଶି ପ୍ରଦାନ କରିବା ଏବଂ/କିମ୍ବା ସେମାନେ ଉଠାଇଥିବା ରାଶିକୁ କୋଷାଗାରରେ ଜମା କରିବାକୁ ଅନୁମତି ଦେବା ସମ୍ବନ୍ଧୀୟ ଅନୁରୋଧକୁ, ଏହି ନ୍ୟାୟାଳୟରେ ବିଶେଷ ଅନୁମତି ଆବେଦନ ବିଚାରାଧୀନ ଥିବା ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଏହି ସମସ୍ତ ଅପିଲ ଏବଂ ଆଜ୍ଞାଦେଶ ଆବେଦନରେ ଭାରତ ସଂଘର ଯୁକ୍ତି ହେଉଛି ଯେ, ଆଜ୍ଞାଦେଶ ଆବେଦନକାରୀମାନେ ସମ୍ପୃକ୍ତ ରାଶି ଉଠାଇ ସାରିଥିବାରୁ, ଅଖିଳ ଭାରତୀୟ ସେବା (ଛୁଟି) ନିୟମାବଳୀ 1955 ର ନିୟମ 20B ରେ ଅନ୍ତର୍ଭୁକ୍ତ "ଏକକାଳୀନ ନିଷ୍ପତ୍ତି" ଧାରଣାକୁ ଦୃଷ୍ଟିରେ ରଖି, ସେମାନେ ଆଉ କୌଣସି ଅତିରିକ୍ତ ରାଶି ପାଇବାକୁ ଅଧିକାରୀ ନୁହନ୍ତି ।

ଏହା ବିବାଦରେ ନାହିଁ ଯେ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସେବାର ସର୍ତ୍ତାବଳୀ ଉଚ୍ଚ ନ୍ୟାୟାଳୟର ବିଚାରପତି (ସେବା ସର୍ତ୍ତାବଳୀ) ଅଧିନିୟମ, 1954 ଦ୍ୱାରା ପରିଚାଳିତ ହୋଇଥାଏ । ଅବ୍ୟବହୃତ ଛୁଟିର ନଗଦୀକରଣ ସମ୍ବନ୍ଧରେ ଏଥିରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ । ତଥାପି, ଉକ୍ତ ସୁବିଧା ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ଉଚ୍ଚ ନ୍ୟାୟାଳୟ ବିଚାରପତି (ସେବା ସର୍ତ୍ତାବଳୀ) ନିୟମାବଳୀ, 1956 ର ନିୟମ 2 ଏବଂ ଅଖିଳ ଭାରତୀୟ ସେବା (ଛୁଟି) ନିୟମାବଳୀ, 1955 ର ନିୟମ 20B ଅନୁଯାୟୀ ପ୍ରଦାନ କରାଯାଇଥାଏ ।

ଉଚ୍ଚ ନ୍ୟାୟାଳୟ ବିଚାରପତି (ସେବା ସର୍ତ୍ତାବଳୀ) ନିୟମାବଳୀ, 1956 ର ନିୟମ 2 ନିମ୍ନମତେ ପଢାଯାଏ :

> "2. ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତିଙ୍କ ସେବାର ସର୍ତ୍ତାବଳୀ, ଯାହା ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟ ବିଚାରପତି (ସେବାର ସର୍ତ୍ତାବଳୀ) ଅଧିନିୟମ, 1954 ରେ କୌଣସି ସ୍ୱଷ୍ଟ ବ୍ୟବସ୍ଥା କରାଯାଇନାହିଁ, ସେଗୁଡ଼ିକ ସେହି ରାଜ୍ୟର, ଯେଉଁଠାରେ ଉଚ୍ଚ ନ୍ୟାୟାଳୟର ପ୍ରଧାନ ଆସନ ଅବସ୍ଥିତ, ରାଜ୍ୟ ସରକାରଙ୍କ ସଚିବ ପାହ୍ୟାଧାରୀ ଭାରତୀୟ ପ୍ରଶାସନିକ ସେବାର ଜଣେ ସଦସ୍ୟଙ୍କ ପ୍ରତି ସମୟ ସମୟରେ ପ୍ରଯୁଜ୍ୟ ନିୟମାବଳୀ ଦ୍ୱାରା ନିର୍ଦ୍ଧାରିତ ହେବ ଏବଂ ସମ୍ବିଧାନ ପ୍ରାରମ୍ଭ ତାରିଖଠାରୁ ତାହା ଏପରି ନିର୍ଦ୍ଧାରିତ ହୋଇଥିବା ବୋଲି ବିବେଚନା କରାଯିବ ।
>
> ଉଲ୍ଲେଖଥାଉକି, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ଏବଂ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତିଙ୍କ କ୍ଷେତ୍ରରେ ସେବାର ସର୍ତ୍ତାବଳୀ, ଭାରତ ସରକାରଙ୍କ ପାଖରେ ପ୍ରତିନିଯୁକ୍ତିରେ କାର୍ଯ୍ୟରତ ଏବଂ ନୂଆଦିଲ୍ଲୀରେ କାର୍ଯ୍ୟରତ ଭାରତ ସରକାରଙ୍କ ଯୁଗ୍ମ ସଚିବ ପାହ୍ୟାଧାରୀ ଭାରତୀୟ ପ୍ରଶାସନିକ ସେବାର ଜଣେ ସଦସ୍ୟଙ୍କ ପ୍ରତି ପ୍ରଯୁଜ୍ୟ ନିୟମାବଳୀ ଦ୍ୱାରା ନିର୍ଦ୍ଧାରିତ ହେବ ।

ଆହୁରି ମଧ୍ୟ ଉଲ୍ଲେଖଥାଉ ଯେ, ଡାକ୍ତରଖାନାଗୁଡ଼ିକରେ ଚିକିତ୍ସା ଏବଂ ରହିବାର ସୁବିଧା ସମ୍ବନ୍ଧରେ, ଅଖିଳ ଭାରତୀୟ ସେବା (ଚିକିତ୍ସା ସହାୟତା) ନିୟମାବଳୀ, 1954 ର ବ୍ୟବସ୍ଥାଗୁଡ଼ିକ, ବିଚାରପତିଙ୍କ ପ୍ରତି ପ୍ରୟୋଗ କ୍ଷେତ୍ରରେ, 26 ଜାନୁଆରୀ 1950 ଠାରୁ କାର୍ଯ୍ୟକାରୀ ହୋଇଥିବା ବୋଲି ବିବେଚନା କରାଯିବ ।

ଏହା ସହିତ ଆହୁରି ମଧ୍ୟ ଏହା ଯେ, ଯେତେବେଳେ ରାଷ୍ଟ୍ରପତିଙ୍କ ଅନୁରୋଧକ୍ରମେ କୌଣସି ବିଚାରପତି ତାଙ୍କର ସାଧାରଣ କର୍ତ୍ତବ୍ୟ ବାହାରେ ଅନ୍ୟ କୌଣସି କାର୍ଯ୍ୟ, ତାଙ୍କ ମୁଖ୍ୟାଳୟଠାରୁ ଦୂରବର୍ତ୍ତୀ କୌଣସି ସ୍ଥାନରେ ସମ୍ପାଦନ କରନ୍ତି, ସେପରି ସ୍ଥିତିରେ ରାଷ୍ଟ୍ରପତି ସେହି କାର୍ଯ୍ୟର ପ୍ରକୃତି ଓ ସ୍ଥାନକୁ ବିଚାର କରି, ବିଚାରପତିଙ୍କୁ ଯେଉଁ ସୁବିଧା ଯୋଗାଇ ଦିଆଯାଇପାରିବ ସେଥିପାଇଁ ନିଷ୍ପତ୍ତି ନେଇପାରିବେ, ଏଥିରେ ଆବାସ, ପରିବହନ ଏବଂ ଦୂରଭାଷ ସୁବିଧା ସମ୍ମିଳିତ ରହିବ, ଏବଂ ବିଚାରପତି ଯେପର୍ଯ୍ୟନ୍ତ ସେହି କାର୍ଯ୍ୟ ସମ୍ପାଦନ କରିବେ, ସେପର୍ଯ୍ୟନ୍ତ ଏହି ସୁବିଧାଗୁଡ଼ିକ ବିନା କୌଣସି ଦେୟରେ କିମ୍ବା ରିହାତି ଦରରେ ପ୍ରଦାନ କରାଯାଇପାରିବ ।"

ଅଖିଳ ଭାରତୀୟ ସେବା (ଛୁଟି) ନିୟମାବଳୀ, 1955 ର ନିୟମ 20-B ଏହିପରି ପଢ଼ାଯାଏ :

"20- B. ଛୁଟି ବେତନର ସମତୁଲ୍ୟ ନଗଦ ଅର୍ଥ ପ୍ରଦାନ-(1) ସରକାର ସ୍ୱପ୍ରବୃତ୍ତ ଭାବେ, ଅଖିଳ ଭାରତୀୟ ସେବା (ମୃତ୍ୟୁ-ତଥା -ଅବସର ଲାଭ) ନିୟମାବଳୀ, 1958 ର ନିୟମ 16 ର ଉପନିୟମ (1) ଅନୁଯାୟୀ, 30 ସେପ୍ଟେମ୍ବର 1977 କିମ୍ବା ତାହା ପରେ 58 ବର୍ଷ ବୟସ ପୂରଣ କରି ସେବାରୁ ଅବସର ଗ୍ରହଣ କରୁଥିବା ସେବାର ଜଣେ ସଦସ୍ୟଙ୍କୁ, ତାଙ୍କ ଅବସର ତାରିଖରେ ତାଙ୍କ ଖାତାରେ ଜମା ଥିବା ଅର୍ଜିତ ଛୁଟିର ଅବଧି ପାଇଁ ଛୁଟି ବେତନର ନଗଦ ସମତୁଲ୍ୟ ରାଶି ମଞ୍ଜୁର କରିବେ; ତେବେ ଏହି ଅବଧି ସର୍ବାଧିକ 180 ଦିନ ପର୍ଯ୍ୟନ୍ତ ସୀମିତ ରହିବ ।

(2) ଉପରୋକ୍ତ ଉପନିୟମ (1) ଅନୁଯାୟୀ ସେବାର ଜଣେ ସଦସ୍ୟଙ୍କୁ ଦେୟ ହେବାକୁ ଥିବା ଛୁଟି ବେତନର ନଗଦ ସମତୁଲ୍ୟ ରାଶିରେ, ଅବସର ଗ୍ରହଣ ତାରିଖରେ ପ୍ରଚଳିତ ହାର ଅନୁଯାୟୀ ତାଙ୍କୁ ଛୁଟି ବେତନ ଉପରେ ପ୍ରାପ୍ୟ ମହଙ୍ଗା ଭତ୍ତା ମଧ୍ୟ ଅନ୍ତର୍ଭୁକ୍ତ ହେବ, ଏବଂ ଏହି ରାଶି ଏକକାଳୀନ ନିଷ୍ପତ୍ତି ଭାବରେ ଏକକାଳୀନ ରାଶି ଆକାରରେ ପ୍ରଦାନ କରାଯିବ ।

(3) ଏହି ନିୟମ ଅନୁଯାୟୀ ଛୁଟି ବେତନର ସମତୁଲ୍ୟ ନଗଦ ଗଣନା କରିବା ସମୟରେ ନଗଦ କ୍ଷତିପୂରଣ ଭତ୍ତା ଏବଂ ଘର ଭଡ଼ା ଭତ୍ତା ଅନ୍ତର୍ଭୁକ୍ତ ହେବ ନାହିଁ ।

ଏପରି ଭାବେ ନିର୍ଦ୍ଧାରିତ ଛୁଟି ବେତନର ନଗଦ ସମତୁଲ୍ୟ ରାଶିରୁ ପେନ୍‌ସନ କିମ୍ବା ଅନ୍ୟାନ୍ୟ ଅବସରକାଳୀନ ସୁବିଧାର ପେନ୍‌ସନ ସମତୁଲ୍ୟ ମୂଲ୍ୟ ବାବଦରେ କୌଣସି କଟୋତି କରାଯିବ ନାହିଁ ।"

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 221 ର ଖଣ୍ଡ (2) କୁ ମଧ୍ୟ ଏହି ପ୍ରସଙ୍ଗରେ ଲକ୍ଷ୍ୟ କରିବା ପ୍ରାସଙ୍ଗିକ, ଯାହା ଏହି ପ୍ରକାରେ ପଢାଯାଇଛି :

"ପ୍ରତ୍ୟେକ ବିଚାରପତି ଏହିପରି ଭତ୍ତା ଏବଂ ଅନୁପସ୍ଥିତି ଛୁଟି ଓ ପେନ୍ସନ ସମ୍ବନ୍ଧୀୟ ଏହିପରି ଅଧିକାର ପାଇବାକୁ ହକ୍‌ଦାର ହେବେ, ଯାହା ସମୟ ସମୟରେ ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ କିମ୍ବା ସେହି ଆଇନ ଅଧୀନରେ ନିର୍ଦ୍ଧାରିତ ହେବ; ଏବଂ ଯେପର୍ଯ୍ୟନ୍ତ ଏପରି ନିର୍ଦ୍ଧାରଣ କରାଯାଇନାହିଁ, ସେପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀରେ ଉଲ୍ଲେଖିତ ଭତ୍ତା ଓ ଅଧିକାରଗୁଡ଼ିକ ପାଇବାକୁ ସେ ହକ୍‌ଦାର ହେବେ......"

ଦେୱାନୀ ଅପିଲ ସଂଖ୍ୟା 2664/1999 ରୁ ଏହି ମାମଲାର ତଥ୍ୟାତ୍ମକ ପୃଷ୍ଠଭୂମି ଉପରେ ଦୃଷ୍ଟିପାତ କରାଯାଇପାରେ ।

ଆବେଦନକାରୀମାନଙ୍କ ମଧ୍ୟରୁ ଜଣେ, ନ୍ୟାୟମୂର୍ତ୍ତି (ଅବସରପ୍ରାପ୍ତ) ଏସ୍.ଏନ୍. ସକ୍ସେନା, 1959 ମସିହାରେ ବିଚାରକ ଭାବେ ଅଧସ୍ତନ ନ୍ୟାୟପାଳିକାରେ ଯୋଗଦାନ କରିଥିଲେ । ସମୟକ୍ରମେ ସେ ଜିଲ୍ଲା ବିଚାରପତି ଭାବେ ପଦୋନ୍ନତି ପାଇଥିଲେ । ଜାନୁଆରୀ, 1992 ରେ ଜିଲ୍ଲା ବିଚାରପତି ଭାବରେ ତାଙ୍କର ଆସନ୍ନ ଅବସରଗ୍ରହଣକୁ ଦୃଷ୍ଟିରେ ରଖି, ତାଙ୍କ ମାମଲାରେ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ପେନ୍ସନ ଏବଂ ଛୁଟି ନଗଦୀକରଣ ସମେତ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ ପାଇଁ ସେ ଆବେଦନ କରିଥିଲେ । ଯଦି ତାଙ୍କୁ ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ପଦୋନ୍ନତି ଦିଆଯାଇନଥାନ୍ତା, ତେବେ ଜିଲ୍ଲା ବିଚାରପତି ଭାବେ ତାଙ୍କର ଅବସର ଗ୍ରହଣ ତାରିଖ 15.7.1992 ହୋଇଥାନ୍ତା । ତାଙ୍କୁ 7.7.92 ରୁ ଉଚ୍ଚ ନ୍ୟାୟାଳୟ ବିଚାରପତି ଭାବରେ ପଦୋନ୍ନତି ଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ତାଙ୍କର ପଦୋନ୍ନତି ବିଷୟରେ ଅବଗତ ନଥିବାରୁ, ଜିଲ୍ଲା ବିଚାରପତି ପଦ ସମ୍ବନ୍ଧୀୟ ଅଧିକାଂଶ ଅବସରକାଳୀନ ସୁବିଧା ତାଙ୍କୁ ମଞ୍ଜୁର କରାଯାଇଥିଲା । ସମ୍ବନ୍ଧିତ କାଗଜପତ୍ର, ଚେକ୍ ଇତ୍ୟାଦି ତାଙ୍କର ଶେଷ କାର୍ଯ୍ୟସ୍ଥଳ, ଅର୍ଥାତ୍ ଉତ୍ତର ପ୍ରଦେଶ ଲୋକ ସେବା ନ୍ୟାୟାଧିକରଣ ସଂଖ୍ୟା II, ଲକ୍ଷ୍ନୌର ସଦସ୍ୟ ତଥା ଜିଲ୍ଲା ବିଚାରପତି ଭାବରେ ତାଙ୍କ ପାଖକୁ ପଠାଯାଇଥିଲା । ତାଙ୍କ କର୍ମଚାରୀ ଉକ୍ତ ଚେକ୍‌ଟିକୁ ତାଙ୍କ ବ୍ୟାଙ୍କ ଖାତାରେ ଜମା କରିଥିଲେ । ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ଅବସରଗ୍ରହଣ କରିବା ପରେ, ଶ୍ରୀ ସକ୍ସେନା ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ 8 ମାସ କିମ୍ବା ସର୍ବାଧିକ 240 ଦିନର ଛୁଟି ନଗଦୀକରଣ ସମେତ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ ପାଇଁ ପୁନର୍ବାର ଆବେଦନପତ୍ର ଦାଖଲ କରିଥିଲେ । 16/17.5.96 ତାରିଖରେ ମହାଲେଖାପାଳଙ୍କ ଦ୍ୱାରା ଏକ ସୁପାରିସମୂଳକ ପତ୍ର ଜାରି କରାଯାଇଥିଲା । ସେ 15.7.96 ରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବରେ ଅବସର ନେଇଥିଲେ । 1996 ମସିହା ସେପ୍ଟେମ୍ବର ମାସରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କେତେକ ପ୍ରଶ୍ନ ଉତ୍ଥାପନ କରାଯାଇଥିଲା ଏବଂ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ୟୁ.ପି. ର ମହାଲେଖାପାଳ ପ୍ରଦାନ କରିଥିଲେ । 16.12.96 ତାରିଖରେ ଛୁଟି ନଗଦୀକରଣର 240 ଦିନର ସୁବିଧାକୁ ବାଦ ଦେଇ, ଗ୍ରାଚ୍ୟୁଇଟି ଏବଂ ଅନ୍ୟାନ୍ୟ ଅଧିକାଂଶ ଅବସରକାଳୀନ ସୁବିଧା ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିଲା । ତେଣୁ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା :

# ୟୁ.ଓ.ଆଇ. ବନାମ ନ୍ୟାୟମୂର୍ତ୍ତି, ଏସ୍.ଏନ୍. ସକ୍ସେନା (ଅବସରପ୍ରାପ୍ତ)

ଏଥିରେ କୌଣସି ବିବାଦ ନାହିଁ ଯେ, ନିୟମାବଳୀ ଅନୁଯାୟୀ 30 ସେପ୍ଟେମ୍ବର, 1977 ଠାରୁ 30 ଜୁନ, 1986 ପର୍ଯ୍ୟନ୍ତ ଛୁଟି ନଗଦୀକରଣର ସର୍ବାଧିକ ସୀମା 180 ଦିନ ଥିଲା; କିନ୍ତୁ 1 ଜୁଲାଇ, 1986 ଠାରୁ 30 ଜୁନ, 1997 ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରି 240 ଦିନ କରାଯାଇଥିଲା । ପୁନର୍ବାର, 1 ଜୁଲାଇ, 1997 ଠାରୁ ଛୁଟି ନଗଦୀକରଣର ସର୍ବାଧିକ ଅବଧିକୁ 300 ଦିନକୁ ବୃଦ୍ଧି କରାଯାଇଥିଲା ।

ଉଚ୍ଚ ନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତି, ଉଚ୍ଚ ନ୍ୟାୟାଳୟ ବିଚାରପତି (ସେବାର ସର୍ତ୍ତାବଳୀ) ନିୟମାବଳୀ, 1956 ର ନିୟମ 2 ସହ ପଠିତ ଅଖିଳ ଭାରତୀୟ ସେବା (ଛୁଟି) ନିୟମାବଳୀ, 1955 ର ନିୟମ 20-B ଅନୁଯାୟୀ, ତାଙ୍କ ଅବସର ଗ୍ରହଣ ତାରିଖରେ ତାଙ୍କ ଖାତାରେ ଜମା ଥିବା ଅର୍ଜିତ ଛୁଟି ପାଇଁ ଛୁଟି ବେତନର ନଗଦ ସମତୁଲ୍ୟ ରାଶି ପାଇବାକୁ ଅଧିକାରୀ ।

*ଏହା ଭାରତ ସଂଘ ବନାମ ଗୁରନାମ ସିଂହ,* [1982] 3 SCR 700 ରେ ନିମ୍ନଲିଖିତ ସର୍ତ୍ତରେ ନିର୍ଣ୍ଣୟ କରାଯାଇଥିଲା :

> "ଏହା ସତ୍ୟ ଯେ ନିୟମ 20-B 'ଅର୍ଜିତ ଛୁଟି' ଧାରଣା ଉପରେ ପର୍ଯ୍ୟବସିତ ଏବଂ 'ଅର୍ଜିତ ଛୁଟି' ଅଭିବ୍ୟକ୍ତିକୁ ଅଖିଳ ଭାରତୀୟ ସେବା (ଛୁଟି) ନିୟମାବଳୀ, 1955 ର ନିୟମ 2ର ଖଣ୍ଡ (b) ଦ୍ୱାରା 'ନିୟମ 10 ଅନୁଯାୟୀ ଅର୍ଜିତ ଛୁଟି' ବୋଲି ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇଛି । କିନ୍ତୁ ନିୟମ 10 କେବଳ ଅର୍ଜିତ ଛୁଟିର ହାର ଏବଂ ପରିମାଣ ନିର୍ଦ୍ଧାରଣ କରିଥାଏ । ଯେଉଁ ସିଦ୍ଧାନ୍ତରେ 'ଅର୍ଜିତ ଛୁଟି' ନିହିତ ରହିଛି, ତାହା ନିୟମ 4 ରୁ ଜାଣିହେବ, ଯେଉଁଥିରେ କୁହାଯାଇଛି ଯେ "ଏହି ନିୟମାବଳୀରେ ଅନ୍ୟଥା ବ୍ୟବସ୍ଥା ନଥିଲେ, କେବଳ କର୍ତ୍ତବ୍ୟ ସମ୍ପାଦନ ଦ୍ୱାରା ଛୁଟି ଅର୍ଜନ କରାଯିବ" । ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ ହେଉଛି ଛୁଟି ଅର୍ଜନର ଆଧାର । ଏହି ଧାରଣା ଉଚ୍ଚ ନ୍ୟାୟାଳୟ ବିଚାରପତି (ସେବାର ସର୍ତ୍ତାବଳୀ) ଅଧିନିୟମ, 1954 ରେ ମଧ୍ୟ ଅନ୍ତର୍ନିହିତ ରହିଛି । ଜଣେ ବିଚାରପତିଙ୍କ ଦ୍ୱାରା କର୍ତ୍ତବ୍ୟ ସମ୍ପାଦନରେ ବିତାଇଥିବା ସମୟ 'ପ୍ରକୃତ ସେବା' ଧାରଣାର ମୁଖ୍ୟ ଉପାଦାନ ଅଟେ [ଧାରା 2 ର ଉପ-ଧାରା (2), ଖଣ୍ଡ (c)]; ଏବଂ ଏହା ହିଁ ଜଣେ ବିଚାରପତିଙ୍କ ଛୁଟି ହିସାବରେ ଛୁଟି ଜମା କରିବାର ଆଧାର ଅଟେ (ଧାରା 4) । ଯଦିଓ ଏହି ଅଧିନିୟମରେ 'ଅର୍ଜିତ ଛୁଟି' ଶବ୍ଦଟି ବ୍ୟବହାର କରାଯାଇନାହିଁ, ତଥାପି ଜଣେ ବିଚାରପତିଙ୍କୁ ଛୁଟି ମଞ୍ଜୁର କରିବାର ମୂଳ ଆଧାର ହେଉଛି ଯେ ସେ ଏହାକୁ ଅର୍ଜନ କରିଛନ୍ତି । ବାସ୍ତବ ସେବାରେ ସେ ବିତାଇଥିବା ସମୟ ବଳରେ ସେ ଏହା ଅର୍ଜନ କରିଛନ୍ତି । ଜଣେ ବିଚାରପତି ତାଙ୍କ ଛୁଟି ଖାତାରେ ଜମା ହୋଇଥିବା ଛୁଟିକୁ ଅର୍ଜନ କରନ୍ତି ବୋଲି ଅଧିନିୟମର ଧାରା ରେ ପ୍ରାବଧାନରୁ ସ୍ପଷ୍ଟ ହୁଏ, ଯେଉଁଥିରେ ଘୋଷଣା କରାଯାଇଛି ଯେ, "ଯଦି ବିଚାରପତି ଉକ୍ତ ଛୁଟି ଶେଷ ହେବା ପରେ ପୁନର୍ବାର କର୍ତ୍ତବ୍ୟରେ ଯୋଗଦେଇ ପ୍ରଦତ୍ତ ଛୁଟି ଅର୍ଜନ କରିବେ ବୋଲି ଆଶା କରାଯାଉନାହିଁ", ତେବେ ଧାରା 6 ଅନୁଯାୟୀ 'ପ୍ରାପ୍ୟ ନଥିବା ଛୁଟି' ମଞ୍ଜୁର କରାଯିବ ନାହିଁ । ତେଣୁ, ନିୟମ 20-B ଯେଉଁ ଧାରଣା ଉପରେ ଆଧାରିତ, ତାହା ଉକ୍ତ ଅଧିନିୟମରେ ଛୁଟି ସମ୍ବନ୍ଧୀୟ ବୈଧାନିକ ବ୍ୟବସ୍ଥାର ମୂଳଭିତ୍ତି ସହ

ପରିଚିତ ଏବଂ ତାହାର ଅନ୍ତର୍ନିହିତ ଅଂଶ । ଏହା ସେହି ବ୍ୟବସ୍ଥାର ଅତ୍ୟାବଶ୍ୟକ ବିଷୟବସ୍ତୁ ସହିତ ଏହାର ଯୁକ୍ତିଯୁକ୍ତ ଏବଂ ତାର୍କିକ ସମ୍ପର୍କ ରଖେ । ତେଣୁ ଏହାକୁ ଉଚ୍ଚ ନ୍ୟାୟାଳୟ ବିଚାରପତି ସେବା ସର୍ତ୍ତାବଳୀ ନିୟମାବଳୀ, 1956 ର ନିୟମ 2 ଦ୍ୱାରା ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସେବାର ସର୍ତ୍ତାବଳୀ ସମ୍ବନ୍ଧୀୟ ବୈଧାନିକ ଢାଞ୍ଚାରେ ସମ୍ମିଳିତ ହୋଇଥିବା ଏକ ବ୍ୟବସ୍ଥା ଭାବରେ ବିବେଚନା କରାଯିବା ଉଚିତ ।"

ଏଥିରେ କୌଣସି ଆପତ୍ତି ନାହିଁ ଯେ, ଭାରତ ସରକାର ମଧ୍ୟ ରାଜ୍ୟ ସରକାରମାନଙ୍କର ମୁଖ୍ୟ ସଚିବମାନଙ୍କୁ ଏକ ପରିପତ୍ର ଜାରି କରିଥିଲେ, ଯେଉଁଥିରେ ସ୍ପଷ୍ଟ କରାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତିମାନେ ତାଙ୍କ ଅବସର ସମୟରେ ତାଙ୍କ ଖାତାରେ ଅବ୍ୟବହୃତ ଅର୍ଜିତ ଛୁଟି ବାବଦରେ ନଗଦ ସମତୁଲ୍ୟ ରାଶି ପାଇବାକୁ ଅଧିକାରୀ ।

ସମ୍ବିଧାନିକ ବ୍ୟବସ୍ଥା ଏବଂ ଏହି ନ୍ୟାୟାଳୟର ନିଷ୍ପତ୍ତିକୁ ଦୃଷ୍ଟିରେ ରଖିଲେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅବ୍ୟବହୃତ ଛୁଟି ବଦଳରେ ଦେୟ ନଗଦ ସମତୁଲ୍ୟ ରାଶି ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅବସର ଗ୍ରହଣ ସମୟରେ ପ୍ରଦାନ କରାଯିବ; ତାହା ପୂର୍ବରୁ ନୁହେଁ । ଉଚ୍ଚ ନ୍ୟାୟିକ ସେବାର ଜଣେ ସଦସ୍ୟ ଉଚ୍ଚ ନ୍ୟାୟାଳୟକୁ ତାଙ୍କର ପଦୋନ୍ନତି କେଉଁ ତାରିଖ ସୁଦ୍ଧା ହେବ ତାହା ପୂର୍ବାନୁମାନ କରିପାରିବେ ନାହିଁ । ରାଜ୍ୟ ସରକାରଙ୍କ ପକ୍ଷରେ ମଧ୍ୟ ସେହିଭଳି । ଉଚ୍ଚତର ନ୍ୟାୟିକ ସେବାର ସଦସ୍ୟମାନଙ୍କ ପ୍ରତି ପ୍ରଯୁଜ୍ୟ ବୈଧାନିକ ନିୟମାବଳୀ ଅନୁଯାୟୀ, ସମ୍ପୃକ୍ତ ରାଜ୍ୟ ସରକାରମାନେ ସମ୍ପୃକ୍ତ ଅଧିକାରୀଙ୍କ ଖାତାରେ ପେନ୍ସନ ଏବଂ ଅନ୍ୟାନ୍ୟ ଅବସରକାଳୀନ ସୁବିଧାର ରାଶି ଜମା କରିଥିଲେ, ଯାହା, ଆମ ମତରେ, କେବଳ ସେ ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ପଦୋନ୍ନତି ହୋଇଥିବା କାରଣରୁ, ସେ ଅବସରପ୍ରାପ୍ତ ଉଚ୍ଚ ନ୍ୟାୟାଳୟ ବିଚାରପତି ଭାବେ ଯେଉଁ ସୁବିଧା ପାଇବାକୁ ଅନ୍ୟଥା ବୈଧାନିକ ନିୟମାବଳୀ ଏବଂ ସମ୍ବିଧାନ ଅନୁଯାୟୀ ଅଧିକାରୀ, ସେହି ସୁବିଧାରୁ ବଞ୍ଚିତ ହୋଇପାରିବେ ନାହିଁ । ଅଖିଳ ଭାରତୀୟ ସେବା (ଛୁଟି) ନିୟମାବଳୀ, 1955 ର ନିୟମ 20-B ରେ ବ୍ୟବହୃତ ଗୁରୁତ୍ୱପୂର୍ଣ୍ଣ ଅଭିବ୍ୟକ୍ତି ହେଉଛି "ସେବାରୁ ଅବସର ଗ୍ରହଣ କରୁଥିବା ସେବାର ଜଣେ ସଦସ୍ୟ" । ତେଣୁ, ଛୁଟି ନଗଦୀକରଣ ପାଇଁ ଅବସର ଗ୍ରହଣ ଅପରିହାର୍ଯ୍ୟ ଅଟେ ।

ଏଥିରେ କୌଣସି ବିବାଦ ନାହିଁ ଯେ, ଉଚ୍ଚ ନ୍ୟାୟିକ ସେବାର ଜଣେ ସଦସ୍ୟଙ୍କୁ ଉଚ୍ଚ ନ୍ୟାୟାଳୟର ବିଚାରପତି ପଦକୁ ଉନ୍ନୀତ କରାଯିବାକୁ ତାଙ୍କର ଅବସରଗ୍ରହଣ କିମ୍ବା ସେବାର ସମାପ୍ତି ବୋଲି ବିବେଚନା କରାଯିବ ନାହିଁ । ଉଚ୍ଚ ନ୍ୟାୟାଳୟର ବିଚାରପତି ପଦକୁ ଉନ୍ନୀତ ହେବା ସମୟରେ, ଜଣେ ନ୍ୟାୟିକ ଅଧିକାରୀ ତାଙ୍କ ପୂର୍ବବର୍ତ୍ତୀ ସେବାକାଳରେ ଅର୍ଜନ କରିଥିବା ସମସ୍ତ ସୁବିଧା ଓ ଅଧିକାରକୁ ସାଙ୍ଗରେ ନେଇଥାନ୍ତି । ଆଜ୍ଞାଦେଶ ଆବେଦନକାରୀମାନଙ୍କ ଦ୍ୱାରା ନ୍ୟାୟିକ ଅଧିକାରୀ ଭାବରେ ପ୍ରଦାନ କରାଯାଇଥିବା ସେବା, ଏବଂ ପରବର୍ତ୍ତୀକାଳରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବରେ ପ୍ରଦାନ କରାଯାଇଥିବା ସେବା, ଏକ ନିରବଚ୍ଛିନ୍ନ ସେବା ବୋଲି ବିବେଚିତ ହେବ । ତେଣୁ, ଏହା ଏକ ସ୍ୱତଃସିଦ୍ଧ ଯେ, ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ଅବସର

ବୟସରେ ପହଞ୍ଚିବା ପରେ 'ଉଚ୍ଚ ନ୍ୟାୟାଳୟର ବିଚାରପତି (ସେବା ସର୍ତ୍ତାବଳୀ) ଅଧିନିୟମ' ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ ସମସ୍ତ ଅବସରକାଳୀନ ସୁବିଧା ପାଇବାକୁ ହକଦାର ହେବେ ।

*ଶିବ ଦୟାଳ ଶ୍ରୀବାସ୍ତବ ବନାମ ଭାରତ ସଂଘ* [1984] 1 SCC 724 ମାମଲାରେ ଏହି ନ୍ୟାୟାଳୟ ନିର୍ଣ୍ଣୟ କରିଛନ୍ତି ଯେ :

> "6. ଏହି ଅଧିନିୟମର ଦ୍ୱିତୀୟ ଅଧ୍ୟାୟ ଛୁଟି ସମ୍ବନ୍ଧୀୟ ବ୍ୟବସ୍ଥା ସହ ସମ୍ବନ୍ଧିତ । ଧାରା 3 ରେ ଜଣେ ବିଚାରପତିଙ୍କ ପାଇଁ ଗ୍ରହଣଯୋଗ୍ୟ ଛୁଟିର ପ୍ରକାରଗୁଡ଼ିକର ବ୍ୟବସ୍ଥା କରାଯାଇଛି । ଧାରା 4 ରେ ଛୁଟି ହିସାବ ରକ୍ଷଣାବେକ୍ଷଣ କରିବା ପାଇଁ ବ୍ୟବସ୍ଥା ରହିଛି । ଧାରା 5 ରେ ମଞ୍ଜୁର ହୋଇପାରୁଥିବା ଛୁଟିର ମୋଟ ପରିମାଣ ବିଷୟରେ ବ୍ୟବସ୍ଥା ରହିଛି । ଧାରା 5-A ରେ ଅର୍ଦ୍ଧ ବେତନଯୁକ୍ତ ଛୁଟିକୁ ପୂର୍ଣ୍ଣ ବେତନଯୁକ୍ତ ଛୁଟିରେ ପରିଣତ କରିବା ପାଇଁ ବ୍ୟବସ୍ଥା ରହିଛି; ଏବଂ ଧାରା 6, 7 ଏବଂ 8 ରେ ବିଭିନ୍ନ ପ୍ରକାରର ବିଶେଷ ଛୁଟି ପ୍ରଦାନ ସମ୍ବନ୍ଧୀୟ ବ୍ୟବସ୍ଥା ରହିଛି । ଅଧିନିୟମର ଏହି ସମସ୍ତ ବ୍ୟବସ୍ଥାଗୁଡ଼ିକ ସେହି ଛୁଟି ସହ ସମ୍ବନ୍ଧିତ, ଯାହା ଜଣେ ବିଚାରପତି ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଛୁଟି ଆବେଦନ କରି ଗ୍ରହଣ କରିଥାନ୍ତି । 'ଛୁଟି' କହିଲେ କର୍ତ୍ତବ୍ୟ କିମ୍ବା ନିଯୁକ୍ତିରୁ ଅନୁମୋଦିତ ଅନୁପସ୍ଥିତିକୁ ବୁଝାଏ (ୱେବଷ୍ଟରଙ୍କ 'ଥର୍ଡ ନିଉ ଇଣ୍ଟରନ୍ୟାସନାଲ୍ ଡିକ୍ସନାରୀ' ଦେଖନ୍ତୁ) ନିୟମ 20-B ଅନୁଯାୟୀ, ଉପଯୁକ୍ତ ବ୍ୟବସ୍ଥା ଅଧୀନରେ ପ୍ରାପ୍ୟ ଛୁଟି ବାବଦରେ ନଗଦ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଛି, କିନ୍ତୁ ଏହା ସର୍ବାଧିକ 180 ଦିନ ପର୍ଯ୍ୟନ୍ତ ସୀମିତ ଅଟେ । ଆମେ ପୂର୍ବରୁ ସୂଚାଇ ସାରିଛୁ ଯେ *ଗୁରନାମ ସିଂହ ମାମଲା* [1982] 3 SCR 700: [1982] 2 SCC 314: 1982 SCC (L&S) 236: AIR 1982 SC 1265 ର ନିଷ୍ପତ୍ତିଗତ ଆଧାର ଉପରେ କୌଣସି ବିବାଦ ନାହିଁ । ଏହାର ଅର୍ଥ ହେଉଛି ଏହି ସ୍ଥିତିକୁ ସ୍ୱୀକାର କରାଯାଇଛି ଯେ, ଅଧିନିୟମରେ ନିୟମ 20-B ଅଧୀନରେ ବିଚାର କରାଯାଇଥିବା ଅବସରକାଳୀନ ସୁବିଧା ପ୍ରଦାନ ପାଇଁ କୌଣସି ବ୍ୟବସ୍ଥା ନଥିଲା; ନଚେତ୍ ନିୟମ 20-B କୁ ପ୍ରୟୋଗ କରାଯାଇପାରି ନଥାନ୍ତା । ନିୟମ 20-B ର ବ୍ୟବସ୍ଥା ଅନୁଯାୟୀ, ଏହି ଅର୍ଥପ୍ରଦାନ ସ୍ୱପ୍ରବୃତ୍ତ ଭାବରେ କରାଯିବ ଏବଂ ଏଥିପାଇଁ କୌଣସି ଆବେଦନର ଆବଶ୍ୟକତା ନାହିଁ । ଅଧିନିୟମରେ ଉଲ୍ଲେଖିତ ଛୁଟି ସେହି ପ୍ରକାରର ଛୁଟି, ଯାହା ପାଇଁ ଆବେଦନ କରିବାକୁ ପଡ଼େ ଏବଂ ଯାହା ଏକ ଭିନ୍ନ ପରିସ୍ଥିତିକୁ ଉଦ୍ଦିଷ୍ଟ କରିଛି । ନିୟମ 20-B ଅନୁଯାୟୀ ସୁବିଧାର ପରିମାଣ ଗଣନା କରିବା ପାଇଁ ଅଧିନିୟମର ଧାରା 5(3) ପ୍ରାସଙ୍ଗିକ ନୁହେଁ ଏବଂ ଯଦି ଅଧିନିୟମର ଧାରା 4 ଅନୁଯାୟୀ ରଖାଯାଇଥିବା ଛୁଟି ଖାତାରେ ଛୁଟି ଜମା ଥାଏ, ତେବେ ନିୟମ 20-B ଅନୁଯାୟୀ ସର୍ବାଧିକ 180 ଦିନ, ଅର୍ଥାତ୍ ଛଅ ମାସ ସୀମା ମଧ୍ୟରେ ସୁବିଧାର ପରିମାଣ ନିର୍ଦ୍ଧାରଣ କରାଯିବ, ତେଣୁ, ଆବେଦନକାରୀଙ୍କ ଦ୍ୱାରା ଛଅ ମାସର ସୁବିଧା ଦାବି ନ୍ୟାୟସଙ୍ଗତ ବିଷୟ, ତେବେ ଏହା ସେତେଦୂର ପର୍ଯ୍ୟନ୍ତ ଯେତେଦୂର ତାଙ୍କ ଛୁଟି ଖାତାରେ 180 ଦିନର

ଛୁଟି ଉପଲବ୍ଧ ଅଛି । ଆମ ସମ୍ମୁଖରେ କୌଣସି ବିବାଦ ଉଠାଯାଇ ନଥିଲା ଯେ ବାସ୍ତବରେ ଆବେଦନକାରୀଙ୍କୁ 180 ଦିନରୁ ଅଧିକ ଛୁଟି ଦେବାକୁ ପଡ଼ିଥିଲା ।

*ସତୀଶ ଚନ୍ଦ୍ର ବନାମ ଭାରତ ସଂଘ ଓ ଅନ୍ୟମାନେ* [1987] Supp SCC 592 ମାମଲାରେ, ପୂର୍ବରୁ ଉଲ୍ଲେଖ କରାଯାଇଥିବା *ଗୁରନାମ୍ ସିଂହ* ମାମଲାର ଆଧାରରେ ଏହା ନିର୍ଣ୍ଣୟ କରାଯାଇଥିଲା ଯେ :

"2. ଆବେଦନକାରୀଙ୍କ ଛୁଟି ଖାତାରେ ଜମା ଥିବା ଛୁଟିର ନଗଦ ସମତୁଲ୍ୟ ରାଶି ସମ୍ବନ୍ଧୀୟ ପ୍ରଶ୍ନରେ, ବିଦ୍ୱାନ ଅତିରିକ୍ତ ସୋଲିସିଟର୍ ଜେନେରାଲ୍ ଆମ ସମ୍ମୁଖରେ 23 ଜୁଲାଇ 1987 ତାରିଖର ସଦ୍ୟତମ ସରକାରୀ ଆଦେଶ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ଉଲ୍ଲେଖ ଅଛି ଯେ, ସର୍ବଭାରତୀୟ ସେବା (ଛୁଟି) ନିୟମାବଳୀର ନିୟମ 20-B ଅଧୀନରେ ଥିବା ଅଧିକାରୀମାନଙ୍କ ପରି, ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ପାଇଁ ଛୁଟିର ନଗଦ ସମତୁଲ୍ୟ ଦେୟର ସର୍ବାଧିକ ସୀମା 180 ଦିନରୁ ବଢ଼ାଇ 240 ଦିନ କରାଯାଇଛି, ଯାହା 1 ଜୁଲାଇ 1986 ଠାରୁ ପ୍ରଭାବୀ ହୋଇଛି । ଆମେ କେବଳ ଏହା ଦର୍ଶାଇବାକୁ ଚାହୁଁ ଯେ, ଭାରତ ସଂଘ ବନାମ ଗୁରନାମ ସିଂହ, AIR (1982) SC 1265: [1982] 2 SCC 314; 1982 SCC (L&S) 236, ମାମଲାରେ ଏହି ନ୍ୟାୟାଳୟଙ୍କ ରାୟର ଫଳସ୍ୱରୂପ, ସର୍ବଭାରତୀୟ ସେବା (ଛୁଟି) ନିୟମ ଦ୍ୱାରା ପରିଚାଳିତ ବ୍ୟକ୍ତିଙ୍କ କ୍ଷେତ୍ରରେ 240 ଦିନର ସର୍ବାଧିକ ସୀମା ଲାଗୁ ହେବା ମାତ୍ରେ ତାହା ବିଚାରପତିମାନଙ୍କ କ୍ଷେତ୍ରରେ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ଲାଗୁ ହୋଇଯାଇଥିଲା । ଏହି ବିଷୟରେ ହିସାବ ମହାନିୟନ୍ତ୍ରକମାନେ ଏବଂ ବେତନ ଓ ହିସାବ ଅଧିକାରୀମାନେ ସରକାରଙ୍କ ପକ୍ଷରୁ ନୂତନ ନିର୍ଦ୍ଦେଶ ଅପେକ୍ଷା କରିବାର କୌଣସି ଆବଶ୍ୟକତା ନଥିଲା । ଆମେ ଆହୁରି ମଧ୍ୟ ସୂଚିତ କରୁଛୁ ଯେ, ଶିବ ଦୟାଲ ଶ୍ରୀବାସ୍ତବ ବନାମ ଭାରତ ସଂଘ, AIR 1984 SC 465 : [1984] 1 SCC 724; 1984 SCC (L ଏବଂ S) 179, ମାମଲାରେ ଏହା ପୂର୍ବରୁ ସ୍ପଷ୍ଟ କରାଯାଇଛି ଯେ, ଜଣେ ବିଚାରପତିଙ୍କ ଛୁଟି ଖାତାରେ ଜମା ଥିବା ଛୁଟିର ପରିମାଣ ଗଣନା କରିବାବେଳେ ଉଚ୍ଚ ନ୍ୟାୟାଳୟ ବିଚାରପତି (ସେବା ସର୍ତ୍ତାବଳୀ) ଅଧିନିୟମର ଧାରା 5 ର ବ୍ୟବସ୍ଥା କେବଳ ପ୍ରସଙ୍ଗିକ ଏବଂ ଧାରା 5 ର ବ୍ୟବସ୍ଥା ପ୍ରଯୋଜ୍ୟ ନୁହେଁ । ଯେହେତୁ ଛୁଟି ହିସାବ 'ଅଧା ଭତ୍ତାଯୁକ୍ତ ଛୁଟି' ଆଧାରରେ ରକ୍ଷଣାବେକ୍ଷଣ କରାଯାଏ, ତେଣୁ ବିଚାରପତିଙ୍କ ନାମରେ ଥିବା ମୋଟ 'ଅଧା ଭତ୍ତାଯୁକ୍ତ ଛୁଟି' କୁ ପ୍ରଥମେ 2 ଦ୍ୱାରା ଭାଗ କରି 'ପୂର୍ଣ୍ଣ ଭତ୍ତାଯୁକ୍ତ ଛୁଟି'ରେ ପରିଣତ କରିବାକୁ ହେବ । ଏହା କରାଯିବା ପରେ, ଯେଉଁ ବିଚାରପତି 30 ଜୁନ 1986 କିମ୍ବା ତାହା ପୂର୍ବରୁ ଅବସର ଗ୍ରହଣ କରିଛନ୍ତି, ସେମାନେ ସର୍ବାଧିକ 180 ଦିନ ପର୍ଯ୍ୟନ୍ତ ଛୁଟିର ନଗଦ ସମତୁଲ୍ୟ ପାଇବାକୁ ଅଧିକାରୀ ହେବେ, ଏବଂ ଯେଉଁ ବିଚାରପତି 1 ଜୁଲାଇ 1986 କିମ୍ବା ତାହା ପରେ ଅବସର ଗ୍ରହଣ କରିଛନ୍ତି, ସେମାନେ ସର୍ବାଧିକ 240 ଦିନ ପର୍ଯ୍ୟନ୍ତ ଏହି ନଗଦ ସମତୁଲ୍ୟ ପାଇବାକୁ ଅଧିକାରୀ ହେବେ । ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ପାଇଁ ଯାହା ପ୍ରଯୋଜ୍ୟ, ତାହା ଆବଶ୍ୟକ ପରିବର୍ତ୍ତନ ସହିତ ସମାନ ଭାବରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ପାଇଁ ମଧ୍ୟ ପ୍ରଯୋଜ୍ୟ ହେବ । ଆମେ ବର୍ତ୍ତମାନ ଯାହା କହିଛୁ, ତା'

# ୟୁ.ଓ.ଆଇ. ବନାମ ନ୍ୟାୟମୂର୍ତ୍ତି, ଏସ୍.ଏନ୍. ସକ୍ସେନା (ଅବସରପ୍ରାପ୍ତ)

ଅନୁଯାୟୀ ଆବେଦନକାରୀଙ୍କୁ ପ୍ରଦାନ କରାଯିବାକୁ ଥିବା ଛୁଟି ବାବଦ ନଗଦ ରାଶିର ପରିମାଣ ଗଣନା କରିବା ପାଇଁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଜାରି କରାଯିବ ।

ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଜ୍ଞାଦେଶ ଆବେଦନକାରୀମାନେ ନିଜ ନିଜ ଆଜ୍ଞାଦେଶ ଆବେଦନରେ ଦାବି କରିଥିବା ପ୍ରତିକାର ପାଇବାକୁ ହକଦାର ହେବେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରକାଶିତ ମତାମତ ସହ ଆମେ ସହମତ ।

ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ କଲକାତା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତିମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଜ୍ଞାଦେଶ ଆବେଦନ ସମ୍ବନ୍ଧରେ ଆମେ ଆହୁରି ଏହା ସୂଚିତ କରିପାରିବା ଯେ, ସେହି ଉଚ୍ଚ ନ୍ୟାୟାଳୟର ଅନ୍ୟ ତିନିଜଣ ବିଚାରପତିଙ୍କ ପୁନଃନିର୍ଦ୍ଧାରିତ ଦେୟ ପ୍ରଦାନ ପାଇଁ କରାଯାଇଥିବା ଅନୁରୋଧକୁ ଅନୁମୋଦନ କରାଯାଇଥିଲା, ଏବଂ ଆଜ୍ଞାଦେଶ ଆବେଦନକାରୀମାନଙ୍କର ମାମଲା ସମାନ ପରିସ୍ଥିତିରେ ଥିବା ସତ୍ତ୍ୱେ ଏବଂ ସେମାନେ ସମାନଭାବେ ପରିସ୍ଥିତିଭୋଗୀ ହୋଇଥିଲେ ମଧ୍ୟ, ସେମାନଙ୍କ ଅନୁରୋଧ ସତ୍ତ୍ୱେ ସେମାନଙ୍କ ମାମଲାରେ ଏପରି କୌଣସି ଅନୁମୋଦନ ଆଦେଶ ଜାରି କରାଯାଇନାହିଁ, କାରଣ କେବଳ ଏତିକି ଦର୍ଶାଯାଇଛି ଯେ, ଆଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୋଧରେ ଭାରତ ସଂଘ ଏହି ନ୍ୟାୟାଳୟରେ ବିଶେଷ ଅନୁମତି ପାଇଁ ଆବେଦନ ଦାଖଲ କରିଥିଲା । ତେଣୁ ଭାରତ ସଂଘର କାର୍ଯ୍ୟାନୁଷ୍ଠାନ ସ୍ପଷ୍ଟ ଭାବେ ଭେଦଭାବପୂର୍ଣ୍ଣ ସ୍ୱଭାବର ଅଟେ ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଆମର ମତ ହେଉଛି ଯେ ଭାରତ ସଂଘ ଦ୍ୱାରା ଗ୍ରହଣ କରାଯାଇଥିବା ଆଭିମୁଖ୍ୟକୁ ଗ୍ରହଣ କରାଯାଇପାରିବ ନାହିଁ ।

ତଦନୁସାରେ, ଦେୱାନୀ ଅପିଲଗୁଡ଼ିକ ଖାରଜ ହୋଇଛି ଏବଂ ଆଜ୍ଞାଦେଶ ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି । ତଥାପି, ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ସମ୍ପୃକ୍ତ ପକ୍ଷମାନେ ନିଜ ନିଜର ଖର୍ଚ୍ଚ ବହନ କରିବେ ।

ଆର୍.ପି. ଅପିଲ ଖାରଜ ହେଲା/ଆବେଦନକୁ ଅନୁମୋତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*
ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।